ଔଷଧ ରୂପେ ଠାକୁରଙ୍କୁ ଦିଆଯାଇଥାଏ । ଉକ୍ତ ଦଶମୂଳ ମୋଦକ ଖାଇବା ପରେ ଶ୍ରୀଜଗନ୍ନାଥ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରି ଘୋଷଯାତ୍ରାରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଶ୍ରୀମନ୍ଦିର ନୀତି ଓ ବିଧି ଅନୁସାରେ ଶ୍ରୀଜୀଉଙ୍କ ଶ୍ରୀମୁଖରେ ନାନା ରଙ୍ଗର ପ୍ରଲେପ ଦିଆଯାଏ ।

ହିଙ୍ଗୁଳ, ହରିତାଳ, ଶଙ୍ଖ, କସ୍ତୁରୀ ଓ କର୍ପୂର ମିଶ୍ରିତ କରି ଏକ ରଙ୍ଗ ଦିଆଯାଏ । ଶ୍ରୀଜୀଉଙ୍କ ସ୍ନାନରେ କର୍ପୂର, ଅଁଳା, ଚନ୍ଦନ ଓ ସୁବାସିତ ଫୁଲ ମିଶ୍ରିତ ହୋଇଥାଏ । ପ୍ରତ୍ୟହ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ପରେ ଅବକାଶ ବା ସ୍ନାନ କରାଯାଏ । ସ୍ନାନ ଜଳରେ ବ୍ୟବହୃତ ଅଁଳା ଚକ୍ଷୁ ନିର୍ମଳକାରକ ଓ ସୌନ୍ଦର୍ଯ୍ୟ ବୃଦ୍ଧିକାରକ ସେହିପରି ଚନ୍ଦନ ହେଉଛି ପିତ୍ତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷ୍ଣା, ଦାହ, କୃମି, ରକ୍ତପିତ୍ତ, ପାଣ୍ଡୁ ଓ ଶ୍ୱାସ–କାଶ ନିବାରକ । ଏଥିରୁ ଜଣାଯାଏ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସେବା ସମ୍ପୂର୍ଣ୍ଣ ଆୟୁର୍ବେଦୀୟ ନୀତି ଅନୁସାରେ ସମ୍ପନ୍ନ ହୋଇଥାଏ । ସୁତରାଂ ଏଥିରୁ ଅନୁମିତ ହୁଏ ଯେ, ଶ୍ରୀଜଗନ୍ନାଥଙ୍କ ସେବା ଓ ପୂଜା ନୈବେଦ୍ୟରେ ଆୟୁର୍ବେଦ ସମନ୍ୱିତ ହେବାର ପରମ୍ପରା ଏହାର ଉତ୍କୃଷ୍ଟତାକୁ ବିଶେଷ ଭାବରେ ପରିବର୍ଦ୍ଧିତ କରିପାରିଛି ।

ଶ୍ରୀଜଗନ୍ନାଥଙ୍କ ଦାରବୀ ଲୀଳାର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ଆୟୁର୍ବେଦ ଗ୍ରହଣୀୟ ହୋଇ ଉତ୍କଳୀୟ ଜନଜୀବନକୁ ବିଶେଷଭାବେ ପ୍ରଭାବିତ କରିଛି । ଶ୍ରୀଜଗନ୍ନାଥଙ୍କ ନିତ୍ୟନୈମିତ୍ତିକ ପୂଜାରେ ପ୍ରଣବନ୍ୟାସ ସମୟରେ ଜଗନ୍ନାଥଙ୍କୁ 'ମ'କାର ରୂପେ, ବଳଭଦ୍ରଙ୍କୁ 'ଅ'କାର ଓ ସୁଭଦ୍ରାଙ୍କୁ 'ଉ'କାର ରୂପେ ଚିନ୍ତନ କରାଯାଇଥାଏ ।

୧୧୧, ମ୍ୟୁନିସିପାଲିଟି ମାର୍କେଟ୍,
ଓ.ଏମ୍.ପି. ଛକ, କଟକ

# ତୁମ ନାମ

**ଶରତ କୁମାରୀ ଆଚାର୍ଯ୍ୟ**

ପ୍ରଭୁ ! ତୁମେ ତ ଦେଇଛ ଉଆଁସୀ ଭାଗ୍ୟେ ମୋ
କଳଙ୍କର ଟୀକା ଥାପି
ଲୁହର ନଈରେ ଅଙ୍କାବଙ୍କା ପଥେ
ଦୁଃଖ ସାଥେ ସାଥେ ଦୁର୍ଭାଗ୍ୟ ମାପି ମାପି
ବଞ୍ଚିବାକୁ ହୁଏ ବୁକୁତଳେ କେତେ
ଅକୁହା କୋହକୁ ଚାପି । ପ୍ରଭୁ ! ତୁମେ ତ...

ତୁମେ ତ ମୋହର ସୁଖର, ଦୁଃଖର ସାଥୀ
କ୍ଷତାକ୍ତ ମନର ବିଶଲ୍ୟ କରଣୀ
ମାନସ ରୋଗର ପଥି
ଯାତନା, ବେଦନା, ଜୀବନର ଜଉଘରେ
କେମିତି ବଞ୍ଚିଛି ଦେଖିବା ପାଇଁ କି
କେବେ ବଳାଇଛ ମତି ?

ଦେହ ଦେଉଳରେ ଆତ୍ମା ସିଂହାସନେ
କେଉଁଠି ରହିଛ ଛପି ? ପ୍ରଭୁ ! ତୁମେ ତ...

କେବେ ଗପସପ କରିଛ ମୋ ମନ ସଂଗେ ?
ସୁଖରେ ଦୁଃଖରେ ଅବା ସ୍ନେହ ଅନୁରାଗେ ?
ନିଦହଜା କେତେ ବିନିଦ୍ର ରଜନୀ ଯାପି
ଦିବ୍ୟ ଦର୍ଶନକୁ ଅପେକ୍ଷି ରହିଛି
ଆଜିକାଲି ନୁହେଁ
ଜନମ ଜନମ ତୁମ ନାମ ଜପି ଜପି । ପ୍ରଭୁ ! ତୁମେତ ...

ଅଧକ୍ଷା, ଶରତ ସାହିତ୍ୟ ଟ୍ରଷ୍ଟ, ଭୁଜଚ୍ଛାୟା
ଅରୁଣୋଦୟ ନଗର
ପୋଅ: ଅରୁଣୋଦୟ ମାର୍କେଟ, କଟକ–୧୨